# ଜନଜାତି ସାହିତ୍ୟର ଚାହିଦା ପ୍ରତି ଜନସାଧାରଣଙ୍କ ଶ୍ରଦ୍ଧା

୦୧.୦୨.୨୦୧୬/ଭୁବନେଶ୍ୱର/-ଆଦିବାସୀ ମେଳାରେ ଖୋଲାଯାଇଥିବା ବହୁବିଧ ଷ୍ଟଲ୍ ଗୁଡିକ ମଧ୍ୟରେ ସଶ୍ରଦ୍ଧ ପାଠକ, ଗବେଷକ, ଛାତ୍ର-ଛାତ୍ରୀଙ୍କ ଅନନ୍ୟ ଦୃଷ୍ଟି ଆକର୍ଷଣ କରୁଛି ମେଳାରେ ସ୍ୱତନ୍ତ୍ର ଭାବରେ ସ୍ଥାନୀତ ହୋଇଥିବା ଦୁଇଗୋଟି ପୁସ୍ତକ ଷ୍ଟଲ୍ । ପ୍ରଥମଟି ହେଲା ବିଭାଗର ଦୁଇଟି ପ୍ରମୁଖ ଅନୁଷ୍ଠାନ **ATLC** ଏବଂ **SCSTRTI** ଦ୍ୱାରା ପ୍ରକାଶିତ ହୋଇଥିବା ଜନଜାତିଙ୍କ ଭାଷା, ସାହିତ୍ୟ, ସଂସ୍କୃତି, ଉନ୍ନୟନ, ପ୍ରବିଧି, ସମାଜ ଉପରେ ପ୍ରକାଶିତ ଉଭୟ ଇଂରାଜୀ ଓ ଓଡିଆର ପୁସ୍ତକ । ଜନଜାତିଙ୍କ ଉପରେ ଏହା ଗବେଷକ, ତତ୍ତ୍ୱବିଦ୍ ମାନଙ୍କ ଦ୍ୱାରା ରଚିତ ଓ ସଂକଳିତ, ଯାହା ସାଧରଣ ପାଠକଙ୍କ ଦୃଷ୍ଟି ଆକର୍ଷଣ ସହ ଉନ୍ନୟନ ପ୍ରାଧିକାରୀ ତଥା ବିକାଶ କାର୍ଯ୍ୟ ସହ ସଂପୃକ୍ତ ବିବିଧ ବେସରକାରୀ ଅନୁଷ୍ଠାନ ଆଗ୍ରହ ରଖନ୍ତି । ଏହି ବିଭାଗରେ ବିଶେଷ ଭାବେ ଜନଜାତି ଲୋକସାହିତ୍ୟ, ବହୁଭାଷା ଶିକ୍ଷଣ ନିମନ୍ତେ ପ୍ରାଥମିକ ଶିକ୍ଷଣ ପୁସ୍ତିକା ପ୍ରକାଶିତ ବିଭିନ୍ନ ଭାଷାର ଶବ୍ଦକୋଷ, ଅଭ୍ୟାସ ପୁସ୍ତିକା ପ୍ରତି ଜନ ସମାଜର ବଢିଛି ।

ଦ୍ୱିତୀୟ ଷ୍ଟଲଟି ହେଉଛି ସାନ୍ତାଳୀ ଭାଷା-ସାହିତ୍ୟ-ସଂସ୍କୃତି ଆଧାରିତ ଷ୍ଟଲ । ଏହି ବିଭାଗର ବିଶେଷତ୍ୱ ହେଉଛି ଷ୍ଟଲ୍‌ରେ ସାନ୍ତାଳୀ ଭାଷା ଅଲଚିକି ଲିପିରେ ପ୍ରକାଶିତ ଅସଂଖ୍ୟ ସାନ୍ତାଳୀ ସାହିତ୍ୟ-ସଂସ୍କୃତି ସମ୍ୱଳିତ ପୁସ୍ତିକା । ଏହାଛଡା ସାନ୍ତାଳୀ କ୍ୟାଲେଣ୍ଡର, ଲିପିଶିକ୍ଷା, ଭାଷା ଶିକ୍ଷା ପୁସ୍ତିକାର ସହଜ ଉପଲବ୍ଧି ଯୋଗୁଁ ଭୁବନେଶ୍ୱରରେ ରହୁଥିବା ସାନ୍ତାଳୀ ଭାଷା ଭାଷୀଙ୍କ ଭିଡ ଏହି ଷ୍ଟଲ୍‌ରେ ବିଶେଷ ଭାବରେ ପରିଲକ୍ଷିତ ହେଉଛି । ସାନ୍ତାଳୀ ଭାଷା ଓ ଅଲ୍‌ଚିକି ଲିପିରେ ରୁଚି ରଖୁଥିବା ଅଧିକାଂଶ ସଶ୍ରଦ୍ଧ ପାଠକ-ପାଠିକା, ଗବେଷକ ଏହାର ସୁଯୋଗ ହାତଛଡା କରୁନାହାନ୍ତି ।

ଏହି ଷ୍ଟଲ୍‌ର ଆଉ ଏକ ମୁଖ୍ୟ ଆକର୍ଷଣ ହେଉଛି ସାନ୍ତାଳ ମାନଙ୍କ ବିବିଧ ଅବସରରେ ବ୍ୟବହାରକୁ ଆସୁଥିବା ପୋଷାକ ପରିପାଟୀ ତଥା ପୂଜା ପାର୍ବଣ ଅବସରରେ ବ୍ୟବହାର କରୁଥିବା କିଛି ସ୍ୱତନ୍ତ୍ର ଆଭୁଷଣ ଏବଂ ପୂଜା ଉପକରଣ, ଯାହାର ଚାହିଦା ଭୁବନେଶ୍ୱର ସାନ୍ତାଳ ବାସୀଙ୍କ ସ୍ୱତନ୍ତ୍ର ଆକର୍ଷଣ । ଏହି ପୁସ୍ତକ ଏବଂ ପୋଷାକ ପରିଚ୍ଛଦ ତଥା ବାଦ୍ୟଯନ୍ତ୍ର ଏବଂ ଗୃହ ସାଜ-ସଜ୍ଜା ସାମଗ୍ରୀ ଉପରେ ଷ୍ଟଲରୁ ଜାଣିବାକୁ ମିଳିଥିଲା ବହୁ ଉପାଦେୟ ତଥ୍ୟ । ତନ୍ମଧ୍ୟରେ ଧଳା ଫୁଟାକାଟା ପୁରୁଷ ଓ ସ୍ତ୍ରୀ ଉଭୟେ ବିଭିନ୍ନ ପୂଜା ଅବସରରେ ପରିଧାନ କରୁଥିବାବେଳେ ରଂଗୀନ ଫୁଟାକାଟା ବିଭିନ୍ନ ପର୍ବପର୍ବାଣି, ବାହାଘର, ବନ୍ଧୁମିଳନ ଓ ସାଂସ୍କୃତିକ ଉତ୍ସବରେ ପରିଧାନ କରନ୍ତି । ଏହା ଛଡା ତିନିପ୍ରକାର ଖାଣ୍ଡା ଲୁଗ୍‌ଲୀ ବାହାଘର ବେଳେ ଢେଢେମା, ଆଇମା ଓ ପିଉସୀ ବ୍ୟବହାର କରିଥାନ୍ତି; ତାର ଚାହିଦା ବହୁତ ରହିଛି । ବିଭିନ୍ନ ସୌଖିନ ବାଦ୍ୟଯନ୍ତ୍ର, ସାଜସଜା ଉପକରଣ ତଥା ପ୍ରମୁଖ କିମ୍ବଦନ୍ତୀ ପୁରୁଷଙ୍କ ତୈଳଚିତ୍ରର ଆଦର ତାଙ୍କ ସାଂସ୍କୃତିକ ପୁନରୁତ୍ଥାନ କଥା ପ୍ରସାର କରୁଥିବାବେଳେ ଅନ୍ୟ ଜନଜାତି ସେମାନଙ୍କ ସାଂସ୍କୃତିକ ସଂପଦାକୁ ଲୋକଲୋଚନକୁ ଆଣିବା ପାଇଁ ଏହି ଷ୍ଟଲ୍‌ରୁ ଶିଖିବାର ସମୟ ଆସିଛି ବୋଲି ମତ ପ୍ରକାଶ ପାଉଛି ।